SAMBAD
ସମ୍ବାଦ
Largest circulate






୧୯୯୩ ମୁମ୍ବାଇ ବିସ୍ଫୋରଣ ମାମଲା:ସଞ୍ଜୟ ଦତ୍ତ ସମେତ ୯୯ ଦୋଷୀଙ୍କ ଦଣ୍ଡ ଶୁଣାଣୀ ଆଜି ; ଆର୍‌ଜେଡ଼ି ସାଂସଦ ସାହାବୁଦ୍ଦିନଙ୍କୁ ଆଜୀବନ ଜେଲ୍‌ଦଣ୍ଡ ; ମୁଖ୍ୟ

ତାରିଖ : ୮/୫/୨୦୦୭

| Su | Mo | Tu | We | Th | Fr | Sa |
| --- | --- | --- | --- | --- | --- | --- |
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |



Click here for
WEB ADVERTISEMENT
TARIFF
CLICK

Non-Resident Oriyas
Please Register yourself in our Newsletter.

ଓଡ଼ିଶାରେ ଆଇଆଇଟି ପାଇଁ କେନ୍ଦ୍ର ମନାକଲା---

## ଓଡ଼ିଶାରେ ଆଇଆଇଟି ପାଇଁ କେନ୍ଦ୍ର ମନାକଲା

ନୂଆଦିଲ୍ଲୀ (ଇମିସ): ଓଡ଼ିଶାରେ ଆଇଆଇଟି ପ୍ରସଙ୍ଗ ନେଇ ଗତକାଲି ଲୋକସଭାରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଛି । ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ଲାଗି କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ସରକାର କହିବା ପରେ ଓଡିଶାର ସଭ୍ୟମାନେ ଏଥିରେ କ୍ଷୁବ୍‌ଧ ହୋଇ କକ୍ଷତ୍ୟାଗ କରିଛନ୍ତି ।

ଗତକାଲି ଲୋକସଭାରେ ଶୂନ୍ୟକାଳରେ ବ୍ରଜକିଶୋର ତ୍ରିପାଠୀଙ୍କ ଦ୍ୱାରା ଆଗତ ଏକ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବରେ ଭାଗ ନେଇ ଓଡ଼ିଶାର ବିଜେଡ଼ି-ବିଜେପି ସାଂସଦମାନେ ଆଇଆଇଟି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଭୂମିକାକୁ ତୀବ୍ର ସମାଲୋଚନା କରିଥିଲେ । ଏହି ପ୍ରସଙ୍ଗ ଉଠାଇ ଶ୍ରୀ ତ୍ରିପାଠୀ କହିଥିଲେ ଯେ ଓଡିଶାରେ ଆଇଆଇଟି ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ପ୍ରଥମେ ନିଷ୍ପତ୍ତି ନେଇଥିଲେ । ୨୦୦୬ ଅଗଷ୍ଟରେ ମାନବ ସମ୍ବଳ ବିକାଶ ରାଷ୍ଟ୍ର ମନ୍ତ୍ରୀ ମହମ୍ମଦ ଫାତମୀ ପାଟନାରେ କହିଥିଲେ ଯେ ଓଡିଶାରେ ଆଇଆଇଟି ପ୍ରତିଷ୍ଠା କରାଯିବ । କିନ୍ତୁ ସରକାର କାହିଁକି ମତ ବଦଳାଇଲେ ବୋଲି ସେ ପ୍ରଶ୍ନ କରିଥିଲେ । ମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ଓଡ଼ିଶା ବଦଳରେ ଏକ ନୂତନ ଆଇଆଇଟି ଆନ୍ଧ୍ର ପ୍ରଦେଶକୁ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଓଡ଼ିଶାକୁ ଏଭଳି ଅବହେଳା କରାଯିବା ଦ୍ୱାରା ନିଜେ କେନ୍ଦ୍ର ସରକାର ଆଞ୍ଚଳିକ ବୈଷମ୍ୟବାଦ ସୃଷ୍ଟି କରୁଛନ୍ତି ଓ ଆଗକୁ ଏହାର ପରିମାଣ ଭୟଙ୍କର ହେବ ବୋଲି ସେ କହିଥିଲେ । ବିଜେଡି ସଭ୍ୟ ପ୍ରସନ୍ନ ଆଚାର୍ଯ୍ୟ ଓଡ଼ିଶାକୁ ଏକ ନୂତନ ଆଇଆଇଟି ଦେବା ସହିତ ବୁର୍ଲା ଇଂଜିନିୟରିଂ କଲେଜକୁ ମଧ୍ୟ ଆଇଆଇଟିର ମାନ୍ୟତା ଦେବା ପାଇଁ ଦାବି କରିଥିଲେ । ଏହି ଦଳର ଭର୍ତ୍ତୃହରି ମହତାବ ଓ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନୂତନ ଆଇଆଇଟି ସହିତ ଖଡ଼ଗପୁର ଆଇଆଇଟିର ଭୁବନେଶ୍ୱରଠାରେ ଏକ ସଂପ୍ରସାରିତ କ୍ୟାସ ଖୋଲାଯିବା ଓ ଓଡ଼ିଶାରେ ଏକ ନୂତନ (ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ) ଖୋଲିବା ପାଇଁ ଦାବି କରିଥିଲେ । ଖାରବେଳ ସ୍ୱାଇଁ ୟୁପିଏ ସରକାର ଉଦ୍ଦେଶ୍ୟମୂଳକ ଭାବେ ଓଡ଼ିଶା ପ୍ରତି ବାରମ୍ବାର ଅବହେଳା କରୁଛି ବୋଲି କହିଥିଲେ । ୟୁପିଏ ସରକାରରେ କୌଣସି ଓଡ଼ିଆ କ୍ୟାବିନେଟ୍ ମନ୍ତ୍ରୀ ନଥିବାରୁ ମନମୋହନ ସିଂହ ସରକାର ବୋଧହୁଏ ରାଜ୍ୟ ପ୍ରତି ଦୃଷ୍ଟି ଦେଉ ନାହାନ୍ତି ବୋଲି ଏହି ସାଂସଦମାନେ ଅଭିଯୋଗ ଆଣିଥିଲେ । ଆଗକୁ ଓଡ଼ିଶା ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ ହେବାକୁ ଯାଉଛି । ଏଥିପାଇଁ ବହୁ ବୈଷୟିକ ପ୍ରତିଭା ଦରକାର ଥିବା ବେଳେ ରାଜ୍ୟରେ କେନ୍ଦ୍ରସ୍ତରୀୟ କୌଣସି ଶିକ୍ଷାନୁଷ୍ଠାନ ନାହିଁ । ସେହିଭଳି ଅନ୍ୟ ରାଜ୍ୟ ତୁଳନାରେ ଭାରତ ସରକାର ଓଡ଼ିଶାରେ ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଜଣକ ପିଛା ୪ ଟଙ୍କା ୭ ପଇସା ଖର୍ଚ୍ଚ କରୁଛନ୍ତି, ଯାହାକି ଖୁବ ନଗଣ୍ୟ ବୋଲି ଏହି ସାଂସଦମାନେ ଅଭିଯୋଗ କରିଥିଲେ । ତାଙ୍କ ଉତ୍ତରରେ ବିଭାଗୀୟ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀ କିଥିଲେ ଯେ ଓଡିଶାରେ ଆଇଆଇଟି ପ୍ରତିଷ୍ଠା ନେଇ ଫାତମୀ କୌଣସି ମନ୍ତବ୍ୟ ଦେଇଥିବା କଥାକୁ ଅସ୍ୱୀକାର କରିଛନ୍ତି । ସେ କହିଲେ ଯେ ବିହାର, ଆନ୍ଧ୍ର ପ୍ରଦେଶ ଓ ରାଜସ୍ଥାନରେ









ଆଇଆଇଟି ପ୍ରତିଷ୍ଠା ଲାଗି ଯୋଜନା ଅନୁମୋଦିତ ହୋଇ ସାରିଛି, ତେଣୁ ଓଡିଶାରେ ଆଇଆଇଟି ପ୍ରତିଷ୍ଠା କରାଯିବାର କୌଣସି ପ୍ରସ୍ତାବ ନାହିଁ । ସେ କହିଲେ ଯେ ଯୋଜନା କମିସନ ଓ ପ୍ରଧାନମନ୍ତ୍ରୀଙ୍କ ବୈଷୟିକ ପରାମର୍ଶଦାତା କମିଟିଙ୍କ ସୁପାରିସ ଅନୁସାରେ ଆଇଆଇଟି ପ୍ରତିଷ୍ଠା ନିଷ୍ପତ୍ତି ନିଆଯାଏ ଏବଂ ଓଡିଶାରେ ଆଇଆଇଟି ଲାଗି ଏମାନେ ସୁପାରିସ କରି ନହାନ୍ତି । ନୂଆ ଆଇଆଇଟି ପ୍ରତିଷ୍ଠା ଲାଗି ଏକ ହଜାର କୋଟି ଟଙ୍କା ଦରକାର ଏବଂ ଓଡ଼ିଶାରେ ଏଭଳି ଅନୁଷ୍ଠାନ ପାଇଁ କେନ୍ଦ୍ର ଆଦୌ ନିଷ୍ପତ୍ତି ନେଇ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଥିଲେ । ମନ୍ତ୍ରୀଙ୍କ ଉତ୍ତରରେ କ୍ଷୁବ୍ଧ ହୋଇ କେବଳ ଓଡିଶା ସାଂସଦ ନୁହେଁ, ସମଗ୍ର ଏନ୍‌ଡିଏ ସାଂସଦ କକ୍ଷତ୍ୟାଗ କରିଥିଲେ । ଏପରିକି ମନ୍ତ୍ରୀଙ୍କ ଉତ୍ତର ସମୟରେ ଓଡ଼ିଶାର ଜୁଏଲ ଓରାମ, ପ୍ରସନ୍ନ ପାଟ୍ଟଶାଣୀ, ବ୍ରହ୍ମାନନ୍ଦ ପଣ୍ଡା, ବିକ୍ରମ କେଶରୀ ଦେଓ, ସୁଗ୍ରୀବ ସିଂହ ଗୃହର ମଧ୍ୟଭାଗକୁ ଯାଇ ପାଟିତୁଣ୍ଡ କରିବାର ଦେଖାଯାଇଥିଲା । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ଓ ଓଡ଼ିଶାରେ କେନ୍ଦ୍ର ସରକାର ଏକ ନୂତନ ଆଇଆଇଟି ନ ଖୋଲିବା ପର୍ଯ୍ୟନ୍ତ ସଂସଦର ପ୍ରତ୍ୟେକ ଅଧିବେଶନରେ ଏଭଳି ଦାବି କରାଯିବ ବୋଲି ଏହି ସାଂସଦମାନେ 'ସମ୍ବାଦ'କୁ କହିଛନ୍ତି ।

### ମୁଖ୍ୟଖବର

- ଆର୍‌ଜେଡ଼ି ସାଂସଦ ସାହାବୁଦ୍ଦିନଙ୍କୁ ଆଜୀବନ ଜେଲ୍‌ଦଣ୍ଡ
- ମୁଖ୍ୟମନ୍ତ୍ରୀଙ୍କ ବିଭାଗ ରେ ୩୪କୋଟିର ଘୋଟାଲା
- ଓଡ଼ିଶାରେ ଆଇଆଇଟି ପାଇଁ କେନ୍ଦ୍ର ମନାକଲା
- ଘରେ ବନ୍ଦ କରି ଜଳାଇ ଦେଲେ: ୩ ମହିଳା,ଶିଶୁ ସମେତ ୫ ଗୁରୁତର
- ଜଳସେଚନ ପାଇଁ ଏଡିବି ଦେବ ୮୦୦ କୋଟି
- ଏସ୍‌ଜିଆରୱାଇରେ ଓଡ଼ିଶାକୁ ମିଳିଲା ୩୦ କୋଟି
- ଓବିସି କୋଟା ମାମଲା ସମ୍ବିଧାନ ବେଞ୍ଚକୁ ଯିବ

ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe

### କଟାକ୍ଷ



ହାତୀ ପରି ତାତି ମାତିଲା ବେଳୁକୁ ଇନ୍ଦ୍ରଙ୍କ ହାତରେ କାତି ଦିନରେ ସଅନ ଷ୍ଟ୍ରୋକ ବେଳକୁ ରେଏନ ଷ୍ଟ୍ରୋକ ରାତି..... ଅଜା ବୋଲେ ଆରେ ନାତି..... ଚଡ଼କନମାନେ କୋଉଟା ମଣିଷ କୋଉଟା ମାଙ୍କଡ଼ ଛାତି.....

Make your attractive website with domain name booking and web space only @ **INR 2999**/- * for further information contact info@

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768